# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 27 August – 2026

**********************************

## ମୁଖ୍ୟ ସମ୍ବାଦ

- କ୍ରୀଡ଼ାର ପ୍ରତ୍ୟେକ ପର୍ଯ୍ୟାୟରେ ପ୍ରତିଭାଙ୍କୁ ସହଯୋଗ ପ୍ରଦାନ କରିବା ପାଇଁ ସରକାର ପ୍ରୟାସ କରୁଛନ୍ତି; ଖେଲୋ ଇଣ୍ଡିଆ ବାର୍ତ୍ତାଳାପରେ କହିଲେ ପ୍ରଧାନମନ୍ତ୍ରୀ
- ଦିନିକିଆ ଗଞ୍ଜାମ ଗସ୍ତରେ ଯାଇ ସ୍ଥାନୀୟ ଲୋକଙ୍କ ପାଇଁ ପୁନର୍ବାସ ଓ ଥଇଥାନ ପ୍ୟାକେଜ ବଣ୍ଟନ କଲେ ମୁଖ୍ୟମନ୍ତ୍ରୀ
- ଆଜି ପାଳନ କରାଯାଉଛି ଭାଇ-ଭଉଣୀଙ୍କ ସମ୍ପର୍କର ପବିତ୍ର ପର୍ବ ରାକ୍ଷୀ ପୂର୍ଣ୍ଣିମା
- ରାକ୍ଷୀ ପୂର୍ଣ୍ଣିମା ଅବସରରେ ରାଜ୍ୟ ସରକାର ଆସନ୍ତାକାଲି ପ୍ରଦାନ କରିବେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି

ଏବଂ

- ବଙ୍ଗୋପସାଗରର ସୃଷ୍ଟ ଲଘୁଚାପ ପ୍ରଭାବରେ ୧୪ଟି ଜିଲ୍ଲାରେ ବର୍ଷା ହେବା ନେଇ ସତର୍କ ସୂଚନା ଜାରି

# ପିଏମ୍-ଖେଲୋ ଇଣ୍ଡିଆ ବାର୍ତ୍ତାଳାପ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଏକବିଂଶ ଶତାବ୍ଦୀରେ ଭାରତରେ ଏକ ଆଧୁନିକ କ୍ରୀଡ଼ା ଇକୋ ସିଷ୍ଟମ ସୃଷ୍ଟି କରିବା ପାଇଁ ସରକାର ଅଙ୍ଗୀକାରବଦ୍ଧ । ଖେଲୋ ଇଣ୍ଡିଆ ବାର୍ତ୍ତାଳାପକୁ ଆଜି ଆଭାସୀ ମାଧ୍ୟମରେ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ କରି ଆଧୁନିକ ତାଲିମ କେନ୍ଦ୍ର ପର୍ଯ୍ୟନ୍ତ ସମଗ୍ର ଦେଶରେ ଏହି ଇକୋ ସିଷ୍ଟମ ବିକଶିତ ହେଉଛି । ପ୍ରତ୍ୟେକ ପର୍ଯ୍ୟାୟରେ ପ୍ରତିଭାଙ୍କୁ ସହଯୋଗ ପ୍ରଦାନ କରିବା ପାଇଁ ସରକାର ପ୍ରୟାସ କରୁଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି । କ୍ରୀଡ଼ା କ୍ଷେତ୍ରକୁ କେବଳ ପଦକ ଜିତିବା ମଧ୍ୟରେ ସୀମିତ ନ ରଖି ବିକଶିତ ଭାରତ ସ୍ୱପ୍ନ ପୂରଣ କରିବା ଲକ୍ଷ୍ୟରେ ଦକ୍ଷ କ୍ରୀଡ଼ାବିତ୍ ଏବଂ ଯୁବବର୍ଗଙ୍କୁ ଏକାଠି କରିବା ସରକାରଙ୍କ ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ ।

**V/O (PM Eco System)**

ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତରେ କ୍ରୀଡ଼ା ଏକ ବୃତ୍ତି ଭାବରେ ପରିପ୍ରକାଶ ପାଉଛି । ଏଭଳି କାର୍ଯ୍ୟକ୍ରମ କ୍ରୀଡ଼ା ଦୃଷ୍ଟିକୋଣକୁ ଏକ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । କ୍ରୀଡ଼ାପ୍ରତି

ଆଗ୍ରହୀ ଥିବା ପିଲାଙ୍କ ପ୍ରତି ଧ୍ୟାନ କେନ୍ଦ୍ରୀଭୂତ କରିବା ସହ ସେମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱ ଦେଇଛନ୍ତି । ଏଥିପାଇଁ ସରକାର ସମସ୍ତ ପ୍ରକାର ସମର୍ଥନ ପ୍ରଦାନ କରିବେ ବୋଲି ଶ୍ରୀ ମୋଦୀ ପ୍ରତିଶ୍ରୁତି ଦେଇଛନ୍ତି ।

କାର୍ଯ୍ୟକ୍ରମରେ ଯୋଗଦେଇ ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସରକାର କ୍ରୀଡ଼ା କ୍ଷେତ୍ରକୁ ଜାତୀୟ ପ୍ରାଥମିକତା ଭାବେ ଗୁରୁତ୍ୱ ପ୍ରଦାନ କରୁଛନ୍ତି ।

ମେରା ଯୁବ ଭାରତ ଦ୍ୱାରା ଜାତୀୟ କ୍ରୀଡ଼ାଦିବସ ୨୦୨୬ର ଅଂଶସ୍ୱରୂପ ଆଜି ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକର ପ୍ରତ୍ୟେକ ଜିଲ୍ଲାର ଦୁଇଟି ମହାବିଦ୍ୟାଳୟର ବିଦ୍ୟାର୍ଥୀ ଏଥିରେ ଅଂଶଗ୍ରହଣ କରିଥିଲେ ।

ଏହି ଅବସରରେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପିଲାମାନଙ୍କ ସହ ପ୍ରଧାନମନ୍ତ୍ରୀ ଆଭାସୀ ମାଧ୍ୟମରେ ଭାବବିନିମୟ କରିଛନ୍ତି। କାର୍ଯ୍ୟକ୍ରମରେ ଜାତୀୟ ସ୍ୱର୍ଣ୍ଣ ପଦକ ବିଜେତା କନ୍ୟା ପ୍ରିୟଦର୍ଶିନୀ ଢୋଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ସଫଳ ହେବାକୁ ଅନୁପ୍ରାଣିତ କରିଛନ୍ତି।

ବୌଦ୍ଧ ଜିଲ୍ଲାର ବାଉଁଶୁଣୀସ୍ଥିତ ମା' ମାହେଶ୍ୱରୀ ମହାବିଦ୍ୟାଳୟରେ ଖେଲୋ ଇଣ୍ଡିଆ ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

ସୋନପୁର ମହାବିଦ୍ୟାଳୟରେ ଛାତ୍ରଛାତ୍ରୀ, ଯୁବବର୍ଗ ଓ କ୍ରୀଡ଼ାପ୍ରେମୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଖେଲୋ ଇଣ୍ଡିଆ ସମ୍ବାଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଶୃଙ୍ଖଳା, ନେତୃତ୍ୱ, ଆତ୍ମବିଶ୍ୱାସ ଓ ଦଳଗତ ମନୋଭାବକୁ କ୍ରୀଡ଼ା ବିକଶିତ କରିଥାଏ ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା ।

ଏହି ଅବସରରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ଅଭିମନ୍ୟୁ ସେଠୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିକଶିତ ଭାରତ ଗଠନ ପାଇଁ କ୍ରୀଡ଼ା ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ୪ ଜଣ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ନବରଙ୍ଗପୁରର ମହିଳା ସ୍ନାତକ ମହାବିଦ୍ୟାଳୟ, ମାଲକାନଗିରି ଜିଲ୍ଲାର ବାଲିମେଳାସ୍ଥିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ ଏବଂ କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟରେ ଖେଲୋ ଇଣ୍ଡିଆ ଯୁବ ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

Desk

## ମୁଖ୍ୟମନ୍ତ୍ରୀ–ଜମିପଟ୍ଟା ବଣ୍ଟନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଦିନିକିଆ ଗଞ୍ଜାମ ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଗୋଳାବନ୍ଧ ଅଞ୍ଚଳର ୧ ହଜାର ୩୭୧ ବିସ୍ଥାପିତ ପରିବାରରକୁ ରାଜ୍ୟ ସରକାର ୭୫ କୋଟି ୬୦ ଲକ୍ଷ ୩୦ ହଜାର ଟଙ୍କାର ସ୍ୱତନ୍ତ୍ର ପୁନର୍ବାସ ଓ ପୁନଃସ୍ଥାପନ ପ୍ୟାକେଜକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ସ୍ଥାନୀୟ ଲୋକମାନଙ୍କ ଆର୍ଥିକ ଉନ୍ନତି ଓ ନିଜସ୍ୱ ସମ୍ବଳକୁ ସୁଦୃଢ଼ କରିବା ପାଇଁ ସରକାର ପ୍ରାଥମିକତା ପ୍ରଦାନ କରୁଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

Desk

# ରକ୍ଷାବନ୍ଧନ

ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କର ପର୍ବ ରକ୍ଷା ବନ୍ଧନ ତଥା ଗହ୍ମା ପୂର୍ଣ୍ଣମୀ ଆଜି ପାଳନ କରାଯାଉଛି । ଏଥିପାଇଁ ରାଜ୍ୟର ପୁରପଲ୍ଲୀ ଉତ୍ସବମୁଖର ହୋଇଉଠିଛି । ଆଜିର ପବିତ୍ର ଦିନରେ ଶ୍ରୀବଳଭଦ୍ର ମହାପ୍ରଭୁ ଜନ୍ମ ହୋଇଥିବାରୁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଜନ୍ମୋତ୍ସବ ପାଳନ କରାଯାଏ। ଗାଁରୁ ସହର ପର୍ଯ୍ୟନ୍ତ ଆଜି ପ୍ରତ୍ୟେକ ଘରେ ଘରେ ଶ୍ରୀବଳଭଦ୍ରଙ୍କୁ ପୂଜାର୍ଚ୍ଚନା କରାଯିବାର ବିଧି ରହିଛି। ପୌରାଣିକ ତଥ୍ୟ ଅନୁଯାୟୀ, ଶ୍ରାବଣ ପୂର୍ଣ୍ଣିମାରେ ମହାପ୍ରଭୁ ଶ୍ରୀବଳଭଦ୍ର ଗହ୍ମାସୁରକୁ ବଧ କରିଥିବାରୁ ଏହି ପର୍ବର ନାମ ଗହ୍ମା ପୂର୍ଣ୍ଣିମା। ଏହା ବ୍ୟତୀତ ଆଜିର ଦିନକୁ

ରାକ୍ଷୀପୂର୍ଣ୍ଣିମା, ଝୁଲଣ ପୂର୍ଣ୍ଣିମା ବୋଲି କୁହାଯାଇଥାଏ। ରକ୍ଷାବନ୍ଧନ ସହ ଜଡିତ ଅନେକ ପୌରାଣିକ କାହାଣୀ ଏହି ପର୍ବର ଗୁରୁତ୍ୱ ବହନ କରିଥାଏ ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ପବିତ୍ର ରାକ୍ଷୀ ଆଜିର ପବିତ୍ର ରାକ୍ଷୀ ପୂର୍ଣ୍ଣିମା' ସମସ୍ତଙ୍କ ଜୀବନରେ ସୁଖ, ସମୃଦ୍ଧି ଓ ଆନନ୍ଦ ଭରିଦେଉ ବୋଲି କାମନା କରିଛନ୍ତି। ଭାଇ-ଭଉଣୀଙ୍କ ପବିତ୍ର ପ୍ରେମ, ବିଶ୍ୱାସ ଓ ଅତୁଟ ସ୍ନେହର ପ୍ରତୀକ ରାକ୍ଷୀ ପୂର୍ଣ୍ଣିମା ଅବସରରେ ରାଜ୍ୟପାଳ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମଗ୍ର ରାଜ୍ୟବାସୀ ବିଶେଷ କରି ଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି।

ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାରେ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଜନ୍ମୋତ୍ସବ ତଥା ରାକ୍ଷୀ ପୂର୍ଣ୍ଣିମା ଅବସରରେ ପରମ୍ପରା ଅନୁଯାୟୀ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେଉଛି । ୧ ଲକ୍ଷ ତୁଳସୀରେ ନିର୍ମିତ ତୁଳସୀମାଳ ଓ ଶ୍ରୀଅଙ୍ଗ ଆଭୂଷଣ ମହାପ୍ରଭୁଙ୍କ ଠାରେ ଲାଗି କରାଯାଉଛି ।

Desk

# ରାକ୍ଷୀ ପୂର୍ଣ୍ଣିମା-ଦେୟମୁକ୍ତ ଯାତ୍ରା

ରାକ୍ଷୀ ପୂର୍ଣ୍ଣିମା ଅବସରରେ ଆଜି ଆମ-ବସ୍‌ରେ ମହିଳା ଯାତ୍ରୀଙ୍କ ପାଇଁ ଦେୟମୁକ୍ତ ଯାତ୍ରାର ବ୍ୟବସ୍ଥା କରାଯାଇଛି । କ୍ରୁଟ୍‌ର ପରିଚାଳନା

ନିର୍ଦ୍ଦେଶକ ସିଦ୍ଦିକ୍ ଆଲାର୍ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଓ କେନ୍ଦୁଝରରେ ଚଳାଚଳ କରୁଥିବା ଆମ ବସ୍ ଗୁଡ଼ିକରେ ମହିଳା ଯାତ୍ରୀଙ୍କ ପାଇଁ ଏହି ସୁବିଧା ଉପଲବ୍ଧ ହେଉଛି ।

Desk

## ସୁଭଦ୍ରା ଯୋଜନା

ରାକ୍ଷୀପୂର୍ଣ୍ଣିମା ଅବସରରେ ଆସନ୍ତାକାଲି ନୟାଗଡ଼ ଜିଲ୍ଲାରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହିତାଧିକାରୀମାନଙ୍କୁ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ଅର୍ଥ ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି। ଏହି ପର୍ଯ୍ୟାୟରେ ୧ କୋଟି ୩ ଲକ୍ଷ ୨୬ ହଜାର ୧୬୨ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାର ଅର୍ଥରାଶି ପ୍ରଦାନ କରାଯିବ । ଏବାବଦରେ ୫ ହଜାର ୧୬୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରତ୍ୟକ୍ଷ ହସ୍ତାନ୍ତର ସୁବିଧା ମାଧ୍ୟମରେ ହିତାଧିକାରୀଙ୍କ ବ୍ୟାଙ୍କ୍‌ଖାତାକୁ ପ୍ରଦାନ କରାଯିବ।

Desk

## ବିଶ୍ୱ ହ୍ରଦ ଦିବସ

ପରିବେଶ ସନ୍ତୁଳନ ଦିଗରେ ହ୍ରଦର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତିପ୍ରଦାନ କରିବା ଲକ୍ଷ୍ୟନେଇ ଆଜି ବିଶ୍ୱ ହ୍ରଦ ଦିବସ ପାଳନ କରାଯାଉଛି । ଜୈବ ବିବିଧତା ବଜାୟ ରଖିବା ଏବଂ ପ୍ରାଣୀସମ୍ପଦକୁ ପ୍ରାକୃତିକ ଆବାସ ସ୍ଥାନ ପ୍ରଦାନ କରିବାରେ ହ୍ରଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଶ୍ୱରେ ୧୧୭ ନିୟୁତରୁ ଅଧିକ ହ୍ରଦ ରହିଛି। ଏହା ବିଶ୍ୱର ମୋଟ ସ୍ଥଳଭାଗର ୪ ପ୍ରତିଶତ। ଆମେରିକାର ସୁପିରିୟର ହ୍ରଦ ବିଶ୍ୱର ସର୍ବବୃହତ ମଧୁର ଜଳ ହ୍ରଦ। ଓଡ଼ିଶାର ଚିଲିକା ହ୍ରଦ ଏସିଆର ସର୍ବବୃହତ ଲୁଣାଜଳ ହ୍ରଦ ଏବଂ ବିଶ୍ୱର ଦ୍ୱିତୀୟ ବୃହତ୍ତମ ହ୍ରଦର ମାନ୍ୟତା ହାସଲ କରିଛି। ହ୍ରଦ ପରିବେଶ ସଂରକ୍ଷଣ ନେଇ ସଚେତନତା ବୃଦ୍ଧି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ୨୦୨୪ ମସିହାରେ ଜାତିସଂଘ ଅଗଷ୍ଟ ମାସ ୨୭ ତାରିଖରେ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ନିଆ ଯାଇଥିଲା । ଗତବର୍ଷ ପ୍ରଥମଥର ପାଇଁ ଏହି ଦିବସ ପାଳିତ ହୋଇଥିଲ ।

Desk

## ଫୁଟବଲ ଖେଳାଳି ସୁରକ୍ଷିତ

ନେପାଳର ପୋଖରାଠାରେ ମ୍ୟାଚ୍ ଖେଳିବା ପାଇଁ ଯାଇଥିବା ରାଜ୍ୟର ୬ ଜଣ ଫୁଟବଲ ଖେଳାଳିଙ୍କର ସେଠାରେ ଆକସ୍ମିକ ବନ୍ୟାରେ କୌଣସି କ୍ଷୟକ୍ଷତି ହୋଇନାହିଁ। ସେମାନେ ସୁରକ୍ଷିତ ଥିବା ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ସେମାନଙ୍କୁ ସୁରକ୍ଷିତ ଫେରାଇ ଆଣିବା ଲାଗି ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସୁରଜ କହିଛନ୍ତି।

**- V/O –**

# ଦୁର୍ଘଟଣା

କନ୍ଧମାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ କ୍ରାଣ୍ତିମାସ୍କାଠାରେ ଏକ ସଡ଼କ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଛି । ଗତ ରାତିରେ ଏକ ମୋଟର ସାଇକଲକୁ ଟ୍ରକ୍ ଧକ୍କା ଦେବାରୁ ୨ଜଣଯାକ ଆରୋହୀଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଛି । ଟ୍ରକ୍‌ଟି ରାସ୍ତାକଡ଼ରେ ଶୋଇଥିବା ଗାଇଗୋରୁଙ୍କ ଉପରେ ମଧ୍ୟ ମାଡ଼ି ଯାଇଥିଲା । ପୁଲିସ ଘଟଣାର ତଦନ୍ତ କରୁଛି ।

Desk

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଦକ୍ଷିଣ ଓ ପଶ୍ଚିମ ଜିଲ୍ଲା ଗୁଡ଼ିକରେ ବର୍ଷା ହେବା ନେଇ ୧୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତାକାଲି ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁରରେ ସର୍ବାଧିକ ୮୫ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତାକାଲି ବଙ୍ଗୋପସାଗରରେ ଆଉଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ରବିବାର କିମ୍ବା ସୋମବାର ବେଳକୁ ଏହା ଲଘୁଚାପରେ ପରିଣତ ହେବା ନେଇ ଅନୁମାନ କରାଯାଇଛି ।